# ନାରୀ ନିର୍ଯ୍ୟାତନା ଓ ନାବାଳିକା ଯୌନ ନିର୍ଯ୍ୟାତନା ସଂପର୍କିତ ସମନ୍ୱୟ ବୈଠକ ଅନୁଷ୍ଠିତ

ଢେଙ୍କାନାଳ, ତା- ୨୮।୪।୧୮ - ନାରୀ ନିର୍ଯ୍ୟାତନା ଓ ନାବାଳିକା ଉପରେ ଯୌନ ନିର୍ଯ୍ୟାତନ ରୋକିବା ଉଦ୍ଦେଶ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲା ଜିଲ୍ଲାପାଳଙ୍କ ସଭାକକ୍ଷ ସଭାଗୃହରେ ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜିଲ୍ଲା ପୋଲିସ ପ୍ରଶାସନର ପ୍ରଚେଷ୍ଟା ଯୋଗାଯୋଗରେ "ଶକ୍ତି" ନାମକ ଏକ ସଚେତନତା ରଥ ଢେଙ୍କାନାଳ ଜିଲ୍ଲାରେ ଆସନ୍ତା ଜୁନ ମାସ ୪ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ପରିକ୍ରମା କରି ଜନସଚେତନତା ସୃଷ୍ଟି କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ଅବସରରେ ଆସନ୍ତା ୪ ତାରିଖ ଦିନ "ଶକ୍ତି" ରଥ ପରଜଙ୍ଗ ଠାରୁ ଯାତ୍ରା ଆରମ୍ଭ କରି ପର୍ଯ୍ୟାୟକ୍ରମେ କାମାକ୍ଷା ନଗର, କଙ୍କଡ଼ାହାଡ଼, ଭୁବନ, ଗଂଦିଆ, ଗୋବିନ୍ଦପୁର, ରସୋଲ, ହିନ୍ଦୋଳ, ଭାପୁର ଆଦି ସ୍ଥାନ ପରିକ୍ରମା କରି ଢେଙ୍କାନାଳରେ ପହଂଚିବ। "ଶକ୍ତି" ରଥ ପରିକ୍ରମା ସମୟରେ ନାରୀଙ୍କ ଉପରେ ଅପରାଧ, ନାବାଳିକାଙ୍କ ସହିତ ଯୌନ ନିର୍ଯ୍ୟାତନା ସଂପର୍କିତ ବିଭିନ୍ନ ତଥ୍ୟ, ଆଇନ-କାନୁନ, ଦଣ୍ଡ ବିଧାନ ଓ ସଚେତନତା ନିମନ୍ତେ LCD ମାଧ୍ୟମରେ, ଲୋକନୃତ୍ୟ, ଭାଷଣ ଓ ପ୍ରଚାର ପତ୍ର ବଣ୍ଟନ କରାଯାଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ। ଜିଲ୍ଲାରେ ଥିବା ବିଭିନ୍ନ ଅନାଥ ଆଶ୍ରମ, ବଜାର ଜନ ସମାଗମ ସ୍ଥାନ ଓ ପ୍ରମୁଖ ଗ୍ରାମମାନଙ୍କରେ ଏହି କାର୍ଯ୍ୟକ୍ରମ ବିଶେଷ ଭାବରେ ଅନୁଷ୍ଠିତ ହେବ। ଏହି ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସଫଳ କରିବା ପାଇଁ ଅଭିଭାବକ, ଗ୍ରାମ ମୁଖ୍ୟ, ଆଶା କର୍ମୀ, ସୁରକ୍ଷା କର୍ମଚାରୀ ଓ ଜନ ପ୍ରତିନିଧିମାନଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହେବ।

ଜନସଚେତନତା ସୃଷ୍ଟି କରିବାକୁ ପ୍ରଚେଷ୍ଟା ଯୋଗାଯୋଗରେ ପରିଚାଳିତ ହେବାକୁ ଥିବା "ଶକ୍ତି" ରଥରେ ୪ ଜଣ ପୋଲିସ ଅଧିକାରୀ ରହି ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବେ ଏବଂ ଥାନାମାନଙ୍କରେ ନାରୀ ଅପରାଧ ଓ ନାବାଳିକା ଯୌନ ନିର୍ଯ୍ୟାତନ ଉପରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସମସ୍ତ ବ୍ୟବସ୍ଥା ଉପରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସନ୍ତୋଷ କୁମାର ନାଇକ ବିଶେଷ ଭାବରେ ଆଲୋଚନା କରିଥିଲେ।

ସେହିଭଳି ରଥ "ପର୍ବ" ଢେଙ୍କାନାଳର ବିଭିନ୍ନ ସ୍ଥାନ ପରିକ୍ରମା କରି ଜୁନ ୧୧ ତାରିଖରେ ଢେଙ୍କାନାଳ ସହରରେ ପହଞ୍ଚିବା ପରେ ଢେଙ୍କାନାଳ ସଦର ମହକୁମାରେ ଏହାର ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ । ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ଭଳି ୧୪ଟି "ପର୍ବ" ରଥ ପରିକ୍ରମା କରିସାରିବା ପରେ ସମସ୍ତ 'ପର୍ବ' ରଥ ଜୁନ ୧୨ ତାରିଖରେ ଭୁବନେଶ୍ୱର ଠାରେ ପହଞ୍ଚିବେ ଏବଂ ସେଠାରେ ଏକ ବିଶାଳ ଉଦଯାପନ ସମାରୋହ ଅନୁଷ୍ଠିତ ହେବ ।

ଏହି ସମନ୍ୱୟ ବୈଠକରେ ଆଡିସନାଲ ଏସ.ପି. ଶ୍ରୀ ବିଜୟ କୃଷ୍ଣ କମିଲା, ସଦର ଏସ୍.ଡି.ପି.ଓ., ଏସ୍.ଡି.ଏମ. ଅବଦୁଲ କରିମ, କାମାକ୍ଷା ନଗର ଏସ୍.ଡି.ପି.ଓ. ସୁପ୍ରସନ୍ନ ମଲ୍ଲିକ, ବିଭିନ୍ନ ଥାନାର ଅଧିକାରୀଗଣ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ନାରୀ ସଂଗଠନ, ଏନ.ଜି.ଓ. କର୍ମକର୍ତ୍ତାଗଣ, ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

—

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଢେଙ୍କାନାଳ

ସମ୍ପର୍କ ନଂ: ୫୮୭, ତା: ୨୮/୦୫/୧୮.

ଏହାର ନକଲ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା ।

ହେମନ୍ତ କୁମାର ନାୟକ
୨୮/୦୫/୨୦୧୮
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ